ମୌଲାନା ଆଜାଦ

କଟକ ପବ୍ଲିଶିଂ ହାଉସ

Digitized by srujanika@gmail.com

ମୌଲାନା ଆଜାଦ

ଉଦୟନାଥ ଷଡ଼ଙ୍ଗୀ

Digitized by srujanika@gmail.com

ପ୍ରକାଶକ

ଶ୍ରୀ ରବୀନ୍ଦ୍ରନାଥ ମହାନ୍ତି
କଟକ ପବ୍ଲିଶିଂ ହାଉସ୍,
ବାଲୁବଜାର, କଟକ

ନୂତନ ମୁଦ୍ରଣ—୧୯୭୧

ମୂଲ୍ୟ—ଦୁଇଟଙ୍କା ମାତ୍ର

ମୁଦ୍ରଣ

କଟକ ପ୍ରିଣ୍ଟିଂ ହାଉସ୍,
ବାଲୁବଜାର, କଟକ—୨

Digitized by srujanika@gmail.com

Digitized by srujanika@gmail.com

ମୌଲାନା ଆଜାଦ

—୧—

ଲାହୋରରେ ମୁସଲମାନ ପଣ୍ଡିତମାନଙ୍କର ଗୋଟିଏ ସଭା ବସିଛି । ସମୁଦାୟ ଭାରତବର୍ଷର ବଡ଼ ବଡ଼ ପଣ୍ଡିତ, ଲେଖକ, କବି ଏଥିରେ ଯୋଗ ଦେଇଛନ୍ତି । ବକ୍ତୃତା ଦେବାକୁ କଲିକତାର ଗୋଟିଏ ଖବରକାଗଜ ସଂପାଦକଙ୍କୁ ନିମନ୍ତ୍ରଣ କରାଯାଇଛି । ସେ ସଂପାଦକଙ୍କୁ କେହି ଦେଖି ନାହାନ୍ତି; କିନ୍ତୁ ଖବରକାଗଜ ଲେଖାରୁ ସମୁଦାୟ ଦେଶରେ ଜଣାପଡ଼ିଛି ଯେ, ସେ ଜଣେ ବଡ଼ ପଣ୍ଡିତ, ବଡ଼ କବି, ଜ୍ଞାନୀ ଓ ସାହସୀ ପୁରୁଷ । ତାଙ୍କ ନାଁ ଚାରିଆଡ଼େ ଖ୍ୟାତ ହୋଇଯାଇଛି । ସେ ବକ୍ତୃତା ଦେବେ ଶୁଣି ହଜାର ହଜାର ଲୋକ ସଭାକୁ ଆସିଛନ୍ତି ।

ସମସ୍ତେ ଆଗ୍ରହରେ ଚାହିଁ ରହିଛନ୍ତି—କେତେବେଳେ ପ୍ରଧାନ ବକ୍ତା ଆସିବେ, ବକ୍ତୃତା ଦେବେ । ଏହି ସମୟରେ ଜଣେ ପନ୍ଦର ଷୋହଳ ବର୍ଷର ବାଳକ ସଭାମଣ୍ଡପରେ ଆସି ଠିଆ ହେଲେ । ତାଙ୍କୁ ଦେଖି ସଭାର ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ । ଏ ତା ମୁହଁକୁ, ସେ ଏହା ମୁହଁକୁ ଚାହିଁଲା । ଏ ପିଲା ପୁଣି କିଏ ? ଏତେ ବଡ଼ ପଣ୍ଡିତଙ୍କ ସଭାରେ ପିଲାଟାକୁ କହିବାକୁ ଦିଆଯାଉଛି କାହିଁକି ? ଆମେ କଣ ଏଇ ପିଲାଠାରୁ କଥା ଶୁଣିବାକୁ ଏତେ ପରିଶ୍ରମ କରି ଆସିଛୁ ?—ଏହି ଭାବ ସଭାରେ ଥିବା ଲୋକମାନଙ୍କ ମନରେ ଖେଳିଗଲା ।

ଯେଉଁମାନେ ସଭାର ଯୋଗାଡ଼ କରିଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଉଠି କହିଲେ—ଏ ହେଉଛନ୍ତି କଲିକତାର ସେହି ବିଖ୍ୟାତ ଖବରକାଗଜ ସଂପାଦକ ମୌଲାନା ଆବୁଲ୍‌କାଲାମ ଆଜାଦ ।

Digitized by srujanika@gmail.com

ସମସ୍ତେ ତ ଆବାକାବା ହୋଇଗଲେ । ଦାଢ଼ି ନଶ ଉଠି ନ ଥିବା ବାଳକକୁ ଦେଶ ବିଦେଶରେ ଯୁବକଙ୍କର ପୁଣି ଏତେ ଖ୍ୟାତି ? ସମସ୍ତଙ୍କୁ ଅସମ୍ଭବ ବୋଧ ହେଲା ।

ମାତ୍ର ଏ ବିସ୍ମୟ ବେଶି ସମୟ ରହିପାରିଲା ନାହିଁ । ସଭାରେ ମୌଲନା ଆଜାଦ ଯେଉଁ ବକ୍ତୃତା ଦେଲେ, ସେଥିରେ ସଭାର ଲୋକେ ଏକାବେଳକେ ତନ୍ମୟ ହୋଇଗଲେ । ତାଙ୍କ କହିବା ଭଙ୍ଗୀ, ତାଙ୍କ ଯୁକ୍ତି, ଶାସ୍ତ୍ରଜ୍ଞାନ, ଧର୍ମଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ ଦେଖି ଲୋକେ ତାଳି ଉପରେ ତାଳି ଦେବାକୁ ଲାଗିଲେ ।

ସମସ୍ତଙ୍କ ମୁହଁରୁ ଏକ ସ୍ୱରରେ ବାହାରିଲା, ସାବାସ୍, ସାବାସ୍ ! ପନ୍ଦର-ଷୋହଳ ବର୍ଷରେ ଯାହାର ଏତେ ଗୁଣ, ଠାକୁର ପରମାୟୁ ଦେଲେ, ସେ ନିଶ୍ଚୟ ଦିନେ ସମଗ୍ର ପୃଥିବୀରେ ପ୍ରସିଦ୍ଧ ହେବେ, ଭାରତବର୍ଷର ଟେକ ରଖିବେ ।

ପ୍ରକୃତରେ ହଜାର ହଜାର ଲୋକଙ୍କ ଆଶୀର୍ବାଦ ପାଇ ମୌଲନା ଆବୁଲକାଲାମ ଆଜାଦ ପୃଥିବୀର ସବୁ ଶ୍ରେଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ । ଭାରତରେ କଂଗ୍ରେସ ମହାସଭାର ସେ ଦୁଇ ଥର ସଭାପତି ହୋଇଥିଲେ । ଭାରତବାସୀ ତାଙ୍କୁ କିପରି ଖାତିର କରୁଥିଲେ, ଏଥିରୁ ତାହା ସହଜରେ ଜଣାଯାଏ । ଭାରତ ସ୍ୱାଧୀନ ହେଲା ପରେ ସେ ଭାରତର ଶିକ୍ଷା ମନ୍ତ୍ରୀ ହୋଇଥିଲେ । ଭାରତରେ କିପରି ପ୍ରକୃତ ଶିକ୍ଷାନୀତି ପ୍ରଚଳିତ ହେବ; ଜଣେ କେହି ହେଲେ ଅପାଠୁଆ ରହିବେ ନାହିଁ, ଏହି ଦିଗରେ ସେ ବହୁ କାର୍ଯ୍ୟ କରିଯାଇଅଛନ୍ତି ।

— ୨ —

ମୌଲନା ଆଜାଦଙ୍କ ବାପାଙ୍କ ନାମ ମହମ୍ମଦ ଖଇରୁଦ୍ଦିନ । ତାଙ୍କ ପୂର୍ବ ପୁରୁଷ ଖୁବ୍ ବଡ଼ ପଣ୍ଡିତ ଥିଲେ, ମୋଗଲ ସମ୍ରାଟମାନଙ୍କ ସଭାରେ ବେଶ୍ ଖ୍ୟାତି ଲାଭ କରିଥିଲେ । ଖଇରୁଦ୍ଦିନଙ୍କର ମଧ୍ୟ ଶାସ୍ତ୍ରଜ୍ଞାନ କମ୍ ନ ଥିଲା । ଭାରତବର୍ଷର ସବୁ ଅଞ୍ଚଳରେ ହଜାର ହଜାର ଶିଷ୍ୟ ତାଙ୍କର ଥିଲେ ।

Digitized by srujanika@gmail.com

୧୮୫୭ରେ ସିପାହୀ ବିଦ୍ରୋହ ଲାଗିଥିଲାବେଳେ ଇଂରେଜମାନେ ଚାରିଆଡ଼େ ବଡ଼ ଜୁଲମ କଲେ । ସେତିକିବେଳେ ମହମ୍ମଦ ଖଇରୁଦ୍ଦିନ ଦିଲ୍ଲୀ ଛାଡ଼ି ମକ୍‌କା ଚାଲିଗଲେ । ସେଠାରେ ଜଣେ ବିଖ୍ୟାତ ପଣ୍ଡିତଙ୍କ ଝିଅଙ୍କୁ ସେ ବିବାହ କରିଥିଲେ । ମୌଲନା ଆଜାଦ ତାଙ୍କର ପୁଅ । ସେ ୧୮୮୭ ମସିହାରେ ମକ୍‌କାଠାରେ ଜନ୍ମ ହୋଇଥିଲେ । ସେଇଠାରେ ସେ ପିଲାଦିନ କଟାଇଥିଲେ ।

ତାଙ୍କୁ ଯେତେବେଳେ ଦଶ ବର୍ଷ ବୟସ, ସେତେବେଳେ ତାଙ୍କ ବାପା ପୁଣି ଭାରତକୁ ଫେରି ଆସିଲେ । ଭାରତବର୍ଷରେ ତାଙ୍କର ଯେଉଁ ହଜାର ହଜାର ଶିଷ୍ୟ ଥିଲେ, ସେମାନେ ଏଠାକୁ ଆସିବା ପାଇଁ ତାଙ୍କୁ ବାରମ୍ବାର ଅନୁରୋଧ କଲେ । ଶିଷ୍ୟମାନଙ୍କ ଅନୁରୋଧ ରଖି ସେ ଆସି କଲିକତାରେ ଘରଦ୍ୱାର କରି ରହିଲେ । ମୌଲନା ଆଜାଦ ମଧ୍ୟ ତାଙ୍କ ସହିତ ଆସିଥିଲେ ।

ଆଜାଦ ତାଙ୍କ ମାଆଙ୍କଠାରୁ ଆରବୀ ଭାଷା ଆଉ ବାପାଙ୍କଠାରୁ ଉର୍ଦ୍ଦୁ ଭାଷା ଶିଖିଥିଲେ । ଅତି ଅଳ୍ପ ବୟସରେ ସେ ଏ ଦୁଇ ଭାଷାରେ ଜଣେ ପଣ୍ଡିତ ବୋଲି ଗଣା ହେଲେ । ଏଗାର ବର୍ଷ ବୟସ ବେଳେ ଗୋଟିଏ କବିତା ବହି ସେ ଲେଖିଥିଲେ । ସେ କବିତା ପଢ଼ି ବଡ଼ ବଡ଼ କବିମାନେ ମଧ୍ୟ ମୋହିତ ହୋଇଗଲେ । ସେତେବେଳେ ସେ ଏତେ ଜଣାଶୁଣା ହୋଇ ଯାଇଥିଲେ ଯେ, ବହୁତ ଲୋକ ଆରବୀ ଓ ଉର୍ଦ୍ଦୁ ସାହିତ୍ୟ ପଢ଼ିବାକୁ, ବଡ଼ ବଡ଼ ବହିର ଅର୍ଥ ବୁଝିବାକୁ ତାଙ୍କ ପାଖକୁ ଆସୁଥିଲେ । ଏହି ଛାତ୍ରମାନଙ୍କ ମଧ୍ୟରୁ ଅନେକେ ତାଙ୍କ ବାପାଙ୍କଠାରୁ ବି ବୟସରେ ବଡ଼ ଥିଲେ ।

ତାଙ୍କ ପିତା ଇଂରାଜୀ ଶିକ୍ଷାକୁ ପସନ୍ଦ କରୁ ନ ଥିଲେ । ତେଣୁ ଆଜାଦଙ୍କୁ ସେ ଇଂରାଜୀ ସ୍କୁଲକୁ ପଠାଇଲେ ନାହିଁ । ପିତା ମଲା ପରେ ଆଜାଦ ଇଂରାଜୀ ଭାଷା ଘରେ ଘରେ ଶିଖିଥିଲେ । ଅଳ୍ପ ସମୟ ମଧ୍ୟରେ ଇଂରାଜୀ ଭାଷାରେ ବି ସେ ଧୁରନ୍ଧର ହୋଇ ଉଠିଲେ । ଇଂରାଜୀ ସାହିତ୍ୟ ସମ୍ପର୍କରେ ସେ ବହୁତ ପ୍ରବନ୍ଧ ଲେଖି ନିଜ ଖବର କାଗଜରେ ପ୍ରକାଶ

Digitized by srujanika@gmail.com

କରୁଥିଲେ । କିନ୍ତୁ ନିଜ ମାତୃଭାଷା ବ୍ୟତୀତ ଅନ୍ୟ ଭାଷାରେ କଥାବାର୍ତ୍ତା କରିବେ ନାହିଁ ବୋଲି ସେ ଠିକ୍ କରି ନେଇଥିଲେ । ତେଣୁ ସେ କଂଗ୍ରେସ ସଭାପତି ଥିଲାବେଳେ ବିଲାତରୁ ଯେଉଁ ମନ୍ତ୍ରୀମାନେ ଆସିଥିଲେ, ସେମାନଙ୍କ ସହିତ ଏବଂ ବଡ଼ଲାଟଙ୍କ ସହିତ ଆଲୋଚନା କରିବାକୁ ଯେତେ ଥର ଯାଇଥିଲେ, ସବୁଥର ସେ ଉର୍ଦ୍ଦୁରେ କଥା କହୁଥିଲେ । ଭାରତବର୍ଷ ସମ୍ପର୍କରେ ନାନା ଯୁକ୍ତିତର୍କ, ବଡ଼ ବଡ଼ ଚୁକ୍ତି ଓ ନିଷ୍ପତ୍ତି ବେଳେ ମଧ୍ୟ ସେ ଇଂରାଜୀ ଭାଷାର ଆଶ୍ରା ନେଇ ନାହାନ୍ତି । ଇଂରାଜୀ ସାହିତ୍ୟ ପ୍ରତି ତାଙ୍କର ଖାତିର୍ ଥିଲା, ଏହା ବୋଲି ମାତୃଭାଷାକୁ ବେଖାତିର କରି ଇଂରାଜୀ ଭାଷା କହିବେ, ଏହାକୁ ସେ ପସନ୍ଦ କରୁ ନ ଥିଲେ ।

—୩—

ଆଜାଦଙ୍କୁ ଯେତେବେଳେ ଅଠର ବର୍ଷ; ସେତେବେଳେ ସେ ଦେଶଭ୍ରମଣ କରିବାକୁ ବାହାରିଲେ । ଇରାକ, ସିରିଆ, ଇଜିପ୍ଟ ପ୍ରଭୃତି ମୁସଲମାନ ରାଜ୍ୟ ବୁଲି ସେଠାରେ ଲୋକେ କିପରି ଚଳୁଛନ୍ତି, ସେମାନଙ୍କ ଅଭାବ ଅସୁବିଧା କଅଣ, ତାହା ଦେଖିଥିଲେ । ଜନସାଧାରଣ ପାଠ ପଢ଼ି ନାହାନ୍ତି, ଭୋକ ଉପାସରେ କଷ୍ଟ ପାଉଛନ୍ତି ; ନ୍ୟାୟ ଅନ୍ୟାୟ ଜାଣିପାରୁ ନାହାନ୍ତି—ଏହି ଅବସ୍ଥା ଦେଖି ଆଜାଦଙ୍କ ମନ ଦବି ଗଲା । ସେ କେବଳ ସାହିତ୍ୟରେ ପାଣ୍ଡିତ୍ୟ ଦେଖାଇ ଖ୍ୟାତି ଅର୍ଜନ କରିବାକୁ ଆଉ ପସନ୍ଦ କଲେ ନାହିଁ । ଲୋକଙ୍କ ସହିତ ମିଶି, ସେମାନଙ୍କର କିପରି ଉପକାର ହେବ, ଜନସାଧାରଣ ପାଠ ପଢ଼ି ଶିକ୍ଷିତ ହେବେ—ଏଇ ଦିଗରେ ଲାଗିପଡ଼ିବାକୁ ସେ ଠିକ୍ କଲେ ।

ଦୁଇ ବର୍ଷ ପରେ ଆଜାଦ୍ ଦେଶ ଭ୍ରମଣ ସାରି କଲିକତା ଫେରି ଆସିଲେ । ସେତେବେଳେ ବଙ୍ଗଳାରେ ଭାରି ଆନ୍ଦୋଳନ ଚାଲିଥାଏ । ଇଂରେଜ ସରକାର ବଙ୍ଗ ପ୍ରଦେଶକୁ ଦୁଇ ଭାଗରେ ବିଭକ୍ତ କରିଦେଇଥିଲେ । କିନ୍ତୁ ଲୋକେ ଏହା କରାଇ ଦେବେ ନାହିଁ ବୋଲି ଜିଦ୍ ଧରିଥାଆନ୍ତି । ଇଂରେଜମାନେ ତାଙ୍କ କୂଟବୁଦ୍ଧି ପ୍ରୟୋଗ କରି ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ କଳି ଲଗାଇ ଦେବାର ଉଦ୍ୟମ କରୁଥାଆନ୍ତି ।

Digitized by srujanika@gmail.com

କଥାରେ ଅଛୁ, ଦୁଇଜଣଙ୍କର କଳି ଲଗିଲେ ତୃତୀୟ ବ୍ୟକ୍ତିର ଲାଭ । ଇଂରେଜମାନଙ୍କ ମତ ଠିକ୍ ସେଇଆ । ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ମନାନ୍ତର ହେଲେ; ସେମାନେ ନିଜ ଭିତରେ ବାଡ଼ିଆପିଟା ଲଗାଇଲେ ଇଂରେଜମାନେ ନିଶ୍ଚିନ୍ତରେ ଏ ଦେଶରେ ଗାଦି ମାଡ଼ି ବସି ରହିବେ—ଏହା ଭାବଥିଲେ ।

ମୌଲନା ଆଜାଦ ଏ ଅନ୍ୟାୟ ସହନ୍ତେ କେତେବେ ? ସେ କଲିକତା ଫେରିଆସି ଆଉ ଖଣ୍ଡେ ଖବରକାଗଜ ବାହାର କଲେ । ସେଥିରେ ଇଂରେଜମାନଙ୍କ କୂଟ ବଗୁଲିବୁଦ୍ଧି କଥା ଏପରି ପଦାରେ ପକାଇ ଦେଲେ ଯେ, ଇଂରେଜ ସରକାର ପ୍ରମାଦ ଗଣିଲେ । ମୌଲନା ଆଜାଦଙ୍କୁ ରାଞ୍ଚିରେ ବନ୍ଦୀ କରି ରଖିଲେ ।

ପାଞ୍ଚ ବର୍ଷ ପରେ ଆଜାଦ ଯେତେବେଳେ ମୁକ୍ତ ହେଲେ, ସେତେ-ବେଳେ ସମୁଦାୟ ଭାରତବର୍ଷରେ ମହାହୁଲସ୍ଥୁଲ ପଡ଼ିଯାଇଥିଲା । ପଞ୍ଜାବରେ ଇଂରେଜମାନେ ଭୀଷଣ ଅତ୍ୟାଚାର କରିଥିବାରୁ ତାର ପ୍ରତିକାର ପାଇଁ ଦେଶବାସୀ ସମସ୍ତେ ଏକଜୁଟ ହୋଇଥିଲେ । ମହାତ୍ମା ଗାନ୍ଧି କଂଗ୍ରେସର ମୁଖିଆ ହୋଇ ଅସହଯୋଗ ଆନ୍ଦୋଳନ ଚଳାଇବାର ଉଦ୍ୟମ କରୁଥିଲେ ।

—୪—

ଜେଲରୁ ଖଲାସ ହୋଇ ମୌଲନା ଆଜାଦ ଦିଲ୍ଲୀରେ ପ୍ରଥମେ ଯାଇ ମହାତ୍ମା ଗାନ୍ଧିଙ୍କୁ ସାକ୍ଷାତ କଲେ । ଗାନ୍ଧିଜୀଙ୍କ କଥା ତାଙ୍କୁ ମନ୍ତ୍ର ପରି ବଶ କରିଦେଲା । ସେ ସବୁ ଅଞ୍ଚଳ ବୁଲି ଅସହଯୋଗ ଆନ୍ଦୋଳନ ସପକ୍ଷରେ ପ୍ରଚାର କଲେ । ଦେଶବାସୀ କି ହିନ୍ଦୁ, କି ମୁସଲମାନ, କି ଖ୍ରୀଷ୍ଟାନ ସମସ୍ତେ ନିଜ ନିଜ ମନରୁ ଭେଦଭାବ ଭୁଲି ଇଂରେଜ ସରକାର ବିରୁଦ୍ଧରେ ଲଢ଼ିବାକୁ ସେ ବୁଝାଇଲେ । ତାଙ୍କ କଥା କହିବା ଭଙ୍ଗି, ପଣ୍ଡିତପଣିଆ ଓ ଶାସ୍ତ୍ର ଉଦାହରଣ ସବୁରେ ଲୋକେ ମୁଗ୍ଧ ହୋଇଗଲେ । ହଜାର ହଜାର ମୁସଲମାନ କଂଗ୍ରେସରେ ଯୋଗ ଦେଲେ । ଦେଶରେ ସ୍ୱାଧୀନତା ଆନ୍ଦୋଳନ ଖୁବ୍ ଯୋରସୋରରେ ଚାଲିଲା ।

Digitized by srujanika@gmail.com

ଲାହୋରର ମୁସଲମାନ ଧର୍ମଗୁରୁମାନେ ଏକ ସଭା କରି ମୌଲାନା ଆଜାଦଙ୍କୁ ସର୍ବଶ୍ରେଷ୍ଠ ଧର୍ମଗୁରୁ ପଦରେ ବସାଇବାକୁ ଠିକ୍ କଲେ । ଏହା କିଛି କମ୍ ଗୌରବର କଥା ନୁହେ ! ଲକ୍ଷଲକ୍ଷ ଲୋକେ ଧର୍ମଗୁରୁ ବୋଲି ଖାତିର କରିବେ, ପାଦ ଧୂଳି ନେବେ, ହଜାର ହଜାର ଟଙ୍କା, ସୁନା ଆଦି ଭେଟି ଦେବେ—ଏ ଲୋଭ କେତେ ଜଣ ଛାଡ଼ନ୍ତେ ? ମାତ୍ର ମୌଲାନା ଆଜାଦ୍ ଏଥିରେ ରାଜି ହେଲେ ନାହିଁ । ସେ କହିଲେ, ମୁଁ ଜନସାଧାରଣଙ୍କ ସେବକ । ଯେ ସେବକ, ସେ ସବୁବେଳେ ତଳେ ରହେ । ମୁଁ ଗୁରୁ ହୋଇ ସମସ୍ତଙ୍କ ଉପରେ ବସିବି ନାହିଁ ।

ଦେଶକୁ ସ୍ୱାଧୀନ କରିବାକୁ ହେଲେ, ଲୋକଙ୍କର ଭଲ କରିବାକୁ ଗଲେ, ପ୍ରଥମେ ଦୁଃଖ କଷ୍ଟ ମିଳିଥାଏ । ମୌଲାନା ଆଜାଦ କମ୍ ଦୁଃଖ କଷ୍ଟ ସହି ନାହାନ୍ତି; କିଛି କମ୍ ତ୍ୟାଗ କରି ନାହାନ୍ତି । ସରକାର ବିରୁଦ୍ଧରେ ପ୍ରଚାର କରୁଛନ୍ତି ବୋଲି ତାଙ୍କୁ ଜେଲରେ ବନ୍ଦୀ କରି ରଖାଗଲା । ସେ ଜେଲରେ ରହି ଟିକିଏ ହେଲେ ଦବି ଗଲେ ନାହିଁ । ଜେଲ ଜୀବନରେ ସେ ଅନେକ ଗୁଡ଼ିଏ ବହି ଲେଖିଥିଲେ; ପଣ୍ଡିତସମାଜରେ ତାହା ଖୁବ୍ ଆଦର ପାଉଛି ।

୧୯୨୩ରେ ମୌଲାନା ଆଜାଦ ଜେଲରୁ ଖଲାସ ହେଲେ । ଅଳ୍ପ ଦିନ ପରେ ପୁଣି ଗିରଫ ହୋଇ ଜେଲ ଗଲେ । ବର୍ଷକ ପରେ ଜେଲରୁ ଆସି ଦେଖିଲେ, ଚାରିଆଡ଼େ ଅଶାନ୍ତି ଘେରି ରହିଛି । ଇଂରେଜମାନଙ୍କ କୌଶଳ ଏତେ ଦିନେ କାମ ଦେଇଛି । ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ମାରପିଟ୍ ଲାଗି ଯାଇଛି । ଇଂରେଜମାନେ ଉପରେ ରହି ମଜା ଦେଖି ହସୁଛନ୍ତି ।

—୫—

ମହାତ୍ମା ଗାନ୍ଧି, ମୌଲାନା ଆଜାଦ ପ୍ରଭୃତି ନେତାମାନେ ଲୋକଙ୍କୁ ବହୁତ ବୁଝାଇଲେ, ନାନା ଉଦ୍ୟମ କଲେ; ମାତ୍ର ସବୁ ବିଫଳ ହେଲା । ଇଂରେଜମାନେ ମହମ୍ମଦ ଅଲି ଜିନ୍ନା ନାମକ ଜଣେ ମୁସଲମାନଙ୍କୁ ପ୍ରବର୍ତ୍ତାଇ ହିନ୍ଦୁଙ୍କ ବିରୁଦ୍ଧରେ ମତାଇଲେ । ଭାରତକୁ ଭାଗ ଭାଗ କରି ହିନ୍ଦୁସ୍ଥାନ ଓ

Digitized by srujanika@gmail.com

ପାକିସ୍ଥାନ କରାଯାଉ ବୋଲି ଜିନ୍ନା ଦାବୀ କଲେ । ଏଥିରେ ବହୁ ମୁସଲମାନ ଭୁଲି ଗଲେ । ଏହା ଦେଖି ଆଜାଦ ବଡ଼ ଦୁଃଖିତ ହେଲେ । ତାଙ୍କ ମନରେ ଆଘାତ ଲାଗିଲା । ଭବିଷ୍ୟତରେ ଏହା ଫଳରେ ଲୋକଙ୍କ ଅବସ୍ଥା ଯେ ଅତି ଖରାପ ହେବ, ତାହା ସେ ବୁଝିପାରି ବ୍ୟସ୍ତ ହୋଇ ଉଠିଲେ । ମାତ୍ର ଉପାୟ କଣ ? ଲୋକ ଅବାଟରେ ଚଞ୍ଚଳ ମାଡ଼ିଯାଏ । ମୁସଲମାନମାନେ ଜିନ୍ନାଙ୍କ କଥାରେ ମାତି ପାକିସ୍ଥାନ ଗଢ଼ିବାକୁ ଆନ୍ଦୋଳନ ଚଳାଇଲେ ।

ସ୍ଥାନେ ସ୍ଥାନେ ହିନ୍ଦୁ ମୁସଲମାନ ହଣାହଣି ହେଲେ। ବହୁ ଘରଦ୍ୱାର ଗାଁଗଣ୍ଡାରେ ନିଆଁ ଲାଗିଲା, ସ୍ଥାନେ ସ୍ଥାନେ ରକ୍ତ ସୁଅ ବହିଲା । ଏହି ଦୁର୍ଦ୍ଦଶା ଦେଖି ଧର୍ମପ୍ରାଣ ଆଜାଦଙ୍କ ହୃଦୟ ଥରି ଉଠିଲା ।

ଶେଷରେ ଗାନ୍ଧିଜୀ ଓ ଆଜାଦ ପରାମର୍ଶ କରି ଠିକ୍ କଲେ ଯେ, ଏ ଦେଶରୁ ଇଂରେଜମାନେ ବିଦାୟ ନେଇ ନ ଯିବା ପର୍ଯ୍ୟନ୍ତ ହିନ୍ଦୁ ମୁସଲମାନ ଗଣ୍ଡଗୋଳ ଏହିପରି ଲାଗି ରହିଥିବ । ତେଣୁ ଯେ କୌଣସି ପ୍ରକାରେ ଏ ଦେଶରୁ ଇଂରେଜମାନଙ୍କୁ ତଡ଼ିବା ହେଉଛି ପ୍ରଥମ କାମ ।

୧୯୩୦ ମସିହାରେ ଗାନ୍ଧିଜୀ ଲୁଣମରା ଆନ୍ଦୋଳନ ଚଳାଇଲେ । ମୌଲାନା ଆଜାଦଙ୍କ ନେତୃତ୍ୱରେ ହଜାର ହଜାର ମୁସଲମାନ ଏଥିରେ ଯୋଗ ଦେଲେ ।

—୭—

ମୌଲାନା ଆଜାଦ୍ ୧୯୨୩ ମସିହାରେ ଭାରତ କଂଗ୍ରେସ ମହାସଭାର ସଭାପତି ହୋଇଥିଲେ । ପୁଣି ୧୯୩୯ରେ ଯେତେବେଳେ ଭାରତର ଅବସ୍ଥା ସବୁଠାରୁ ବଳି ଖରାପ, ସେତେବେଳେ ଭାରତବାସୀ ପୁଣି ତାଙ୍କୁ ସଭାପତି କଲେ । ମହାତ୍ମା ଗାନ୍ଧି କହିଥିଲେ—ଭାରତର ଏ ବିପଦ ବେଳେ ଆଜାଦ୍ ସଭାପତି ହୋଇଛନ୍ତି, ଭଲ ହୋଇଛି । ଏହି ଅବସ୍ଥାରେ ଦେଶବାସୀଙ୍କୁ ଚଳାଇବା ପାଇଁ ଏକମାତ୍ର ଆଜାଦ ହିଁ ଉପଯୁକ୍ତ ବ୍ୟକ୍ତି । ୧୯୪୦ରୁ ୧୯୪୫ ପର୍ଯ୍ୟନ୍ତ ମୌଲାନା ଆଜାଦ କଂଗ୍ରେସ ସଭାପତି ରହିଥିଲେ । ଭାରତର ଆଉ କୌଣସି ନେତାଙ୍କ ଭାଗ୍ୟରେ ଏତେ ବର୍ଷ ସଭାପତି ରହିବା ଗୌରବ ଘଟି ନାହିଁ ।

Digitized by srujanika@gmail.com

ପ୍ରକୃତରେ ଏହି ସମୟରେ ଭାରତରେ ସବୁଠାରୁ ବଡ଼ ବଡ଼ ଗୁରୁତର ଘଟଣାମାନ ଘଟିଯାଇଛି । ତେଣେ ଇଉରୋପରେ ଦ୍ୱିତୀୟ ମହାଯୁଦ୍ଧ ଚାଲିଥାଏ । ଏଣେ ଇଂରେଜ ସରକାର ଭାରତରେ ସବୁମନ୍ତେ ଅତ୍ୟାଚାର କରୁଥାଆନ୍ତି । ମହାତ୍ମା ଗାନ୍ଧୀଙ୍କ ସମେତ ଭାରତର ସବୁ ନେତାଙ୍କୁ ବନ୍ଦୀ କରି ରଖାଗଲା । ସ୍ଥାନେ ସ୍ଥାନେ ଜୁଲମ ହେଲା । ନେତାମାନେ ବନ୍ଦୀ ହୋଇ ରହିଲେ ମଧ୍ୟ ଭାରତର ଲୋକେ ଡରିଲେ ନାହିଁ । ଭାରତକୁ ସ୍ୱାଧୀନ କରିବା ପାଇଁ ସବୁମନ୍ତେ ଆନ୍ଦୋଳନ ଚଳାଇଲେ ।

ଏହି ଆନ୍ଦୋଳନକୁ ୧୯୪୨ ମସିହା ଅଗଷ୍ଟ ଆନ୍ଦୋଳନ କୁହାଯାଏ । ଅଗଷ୍ଟ ୮ ତାରିଖ ଦିନ ଇଂରେଜ ସରକାର ମହାତ୍ମା ଗାନ୍ଧୀଙ୍କୁ ବନ୍ଦୀ କଲେ । ପଣ୍ଡିତ ନେହେରୁ, ମୌଲାନା ଆଜାଦ, ସର୍ଦ୍ଦାର ପଟେଲ ପ୍ରଭୃତି ସବୁ ନେତାଙ୍କୁ ଗିରଫ କରି ନେଇ ଜେଲରେ ରଖିଲେ । ଯେଉଁଠି ଯେତେ କଂଗ୍ରେସ କର୍ମୀ ଥିଲେ, ସମସ୍ତେ ବନ୍ଧା ହେଲେ । କଂଗ୍ରେସର କାଗଜପତ୍ର ପୋଡ଼ି ଦିଆଗଲା । ଏଥିରେ ସାଧାରଣ ଲୋକେ ମାତି ଉଠିଲେ । ଗାଁବାଲା ଏକଯୁଟ ହୋଇ ଥାନା, ଡାକଘର ଆଦି ସରକାରି ଅଫିସ ସବୁ ପୋଡ଼ି ଦେଲେ; ରେଲରାସ୍ତା ଭାଙ୍ଗି ପକାଇଲେ । ପୁଲିସ ସେମାନଙ୍କୁ ମାଡ଼ ଦେଲେ, ସ୍ଥାନେ ସ୍ଥାନେ ଗୁଳି ଚାଲିଲା । କିନ୍ତୁ ଲୋକେ ଡରିଲେ ନାହିଁ । ସମସ୍ତେ ଜିଦ୍ ଧରିଲେ—ଗାନ୍ଧିଜୀ କହିଛନ୍ତି,"କରିବ ନ ହେଲେ ମରିବ ।" ଦେଶକୁ ସ୍ୱାଧୀନ କରିବା ପାଇଁ ଯେତେ ଦୁଃଖ କଷ୍ଟ ଆସୁ, ସବୁ ସହିବ; ତଥାପି ଲଢ଼ିବ । ଇଂରେଜମାନଙ୍କୁ ଏ ଦେଶରୁ ତଡ଼ିବ ।

ଆଗରୁ ଲୋକେ କେବେ ଏମିତି ଏକମନ, ଏକଯୁଟ ହୋଇ ନ ଥିଲେ । ସମସ୍ତଙ୍କର ଏକ କଥା, ଏକ କାମ—ଏହା ଦେଖି ଇଂରେଜ ସରକାର ପ୍ରମାଦ ଗଣିଲେ । ଏ ଆନ୍ଦୋଳନକୁ ଦବାଇବା ପାଇଁ ସେମାନେ ବହୁତ ଜୁଲମ କଲେ । କିନ୍ତୁ ଫଳ କିଛି ହେଲା ନାହିଁ । ସରକାର ଯେତିକି ଅତ୍ୟାଚାର କଲେ, ଲୋକଙ୍କ ସାହସ ସେତିକି ବଢ଼ିଲା; ଦେଶକୁ ସ୍ୱାଧୀନ କରିବା ପାଇଁ ସେମାନେ ସେତିକି ଜିଦ୍‌ରେ ଲାଗିପଡ଼ିଲେ ।

Digitized by srujanika@gmail.com

ଅତ୍ୟାଚାର କରି କରି ଇଂରେଜ ସରକାର ଶେଷକୁ ନିରସ୍ତ ହେଲେ । ଏତେବେଳ ସରିକ ଜାଣିପାରିଲେ ଯେ, ଭାରତବର୍ଷରେ ଆଉ ତାଙ୍କ ରାଜୁତ୍ତ ଚଳିବା ସମ୍ଭବ ନୁହେ । ତେଣୁ ବିଲାତରୁ କେତେକ ମନ୍ତ୍ରୀ ଭାରତକୁ ଆସିଲେ । ଏଠାର ନେତାମାନଙ୍କ ସହିତ ଆଲୋଚନା କଲେ । ଭାରତବାସୀଙ୍କ ପକ୍ଷରୁ କଂଗ୍ରେସ ସଭାପତି ହିସାବରେ ମୌଲାନା ଆଜାଦ ସେ ଆଲୋଚନାରେ ଭାଗ ନେଲେ । ଜିନ୍ନା ଓ ତାଙ୍କର ଲିଗ୍ ଦଳ ଭାରତକୁ ଭାଗ ଭାଗ କରିବାକୁ ଜିଦ୍ ଧରିଲେ । ଭାରତ ଖଣ୍ଡ ଖଣ୍ଡ ହେଲେ ଭବିଷ୍ୟତରେ ଯେ ଅତି ଖରାପ ଅବସ୍ଥା ହେବ; ଆଜାଦ ତାହା ବୁଝାଇଲେ ।

କିନ୍ତୁ ଦୁର୍ଭାଗ୍ୟ କଥା, ତାଙ୍କ କଥା ରହିଲା ନାହିଁ । ଇଂରେଜମାନଙ୍କ ଷଡ଼ଯନ୍ତ୍ର ଫଳରେ ଭାରତ ଭାଗ ଭାଗ ହେଲା । ମହମ୍ମଦ ଅଲି ଜିନ୍ନାଙ୍କ ଜିଦ୍ ରହିଲା । ତାଙ୍କର କଥା ଅନୁସାରେ ପାକିସ୍ଥାନ ଗଢ଼ାଗଲା—ଜିନ୍ନା ତାର ବଡ଼ଲାଟ ହେଲେ ।

—୭—

ଯାହା ହେଉ ଭାରତ ସ୍ୱାଧୀନ ହେଲା । ପଣ୍ଡିତ ଜବାହରଲାଲ ନେତୃତ୍ୱରୁ ଭାରତର ପ୍ରଧାନ ମନ୍ତ୍ରୀ ହେଲେ । ମୌଲାନା ଆଜାଦ ବଡ଼ ପଣ୍ଡିତ; ଜ୍ଞାନୀ । ତେଣୁ ସେ ଶିକ୍ଷା ବିଭାଗର ମନ୍ତ୍ରୀ ହେଲେ । ସମୁଦାୟ ଭାରତରେ ଶିକ୍ଷାବିଭାଗର ଉନ୍ନତି ପାଇଁ ସେ ଲାଗିପଡ଼ିଥିଲେ ।

ମୌଲାନା ଆଜାଦ ଏଡ଼େ ବଡ଼ ପଣ୍ଡିତ, ପୁଣି ଦେଶଲାଗି ସବୁ ତ୍ୟାଗ କରିଛନ୍ତି; ବହୁତ ଦୁଃଖ କଷ୍ଟ ସହିଛନ୍ତି । ଏଥିପାଇଁ ତାଙ୍କ ମନରେ ଟିକିଏ ହେଲେ ଗର୍ବ ନ ଥିଲା । ନେତାମାନେ ଜେଲରୁ ଖଲାସ ହୋଇ ଆସିଲେ ଦେଶର ଲୋକେ ତାଙ୍କୁ ଫୁଲମାଳ ଦେଇ ପାଛୋଟି ଆଣନ୍ତି; ସଭା ସମିତି କରି ସମ୍ବର୍ଦ୍ଧନା ଜଣାନ୍ତି । ତାଙ୍କ ନାମରେ ଜୟ ଜୟକାର ପକାନ୍ତି । ମାତ୍ର ଆଜାଦ ଜେଲରୁ ଆସିବାବେଳେ ଲୋକେ ଏପରି କରିବାକୁ ଯୋଗାଡ଼ କରିବାରୁ ଆଜାଦ ମନା କରିଦେଲେ । ସେ କହିଲେ, "ମୋତେ ପୂଜା କରି ବା ମୋତେ ଫୁଲମାଳ ଦେଇ ତୁମର ଲାଭ କଅଣ ହେବ ? ମୋ କଥା ଅନୁସାରେ କାମ କର, ତାହାହିଁ ମୋ ପକ୍ଷରେ ଯଥେଷ୍ଟ । ତାହାଦ୍ୱାରା ତୁମର ଲାଭ ହେବ, ଦେଶର ବି ଲାଭ ହେବ ।"

Digitized by srujanika@gmail.com

—୮—

ଶେଷ ଥର ସେ ଜେଲରେ ଥିବାବେଳେ ତାଙ୍କ ସ୍ତ୍ରୀ ଭୟଙ୍କର ବେମାର ପଡ଼ିଲେ । ଦେଶଲୋକେ ଇଂରେଜ ସରକାରଙ୍କୁ ବାରମ୍ବାର ଅନୁରୋଧ କଲେ ଯେ, ଏତେବେଳେ ମୌଲାନା ଆଜାଦଙ୍କୁ ଖଲାସ କରିଦିଅ । ସେ ତାଙ୍କ ସ୍ତ୍ରୀଙ୍କର ସେବାଶୁଶ୍ରୁଷା କରିବେ । ମାତ୍ର ଇଂରେଜ ସରକାର ତାହା ଶୁଣିଲେ ନାହିଁ । ଆଜାଦ ବନ୍ଦୀ ଥିବା ଅବସ୍ଥାରେ ତାଙ୍କ ସ୍ତ୍ରୀ ମରିଗଲେ ।

ଦେଶବାସୀ ତାଙ୍କ ନାମରେ ଗୋଟିଏ ସ୍ମୃତିମନ୍ଦିର ତିଆରି କରିବେ ବୋଲି ଠିକ୍ କଲେ । ସେଥିପାଇଁ ଚାନ୍ଦା ଉଠାଇବା ଉଦ୍ୟମ ହେଲା । ଲୋକେ ଆନନ୍ଦରେ ଶହ ଶହ; ହଜାର ହଜାର ଟଙ୍କା ଦେବାକୁ ବାହାରିଲେ । ମାତ୍ର ଜେଲରୁ ଖଲାସ ହୋଇ ଆଜାଦ ଯେମିତି ଏ କଥା ଶୁଣିଲେ, ସେ କହିଲେ—"ନା, ମୁଁ ସିନା ଦେଶ ପାଇଁ କାମ କରିଛି, ମୋ ସ୍ତ୍ରୀ ତ ଦେଶ ପାଇଁ କିଛି କରି ନାହାନ୍ତି । ଦେଶର ସାଧାରଣ ଧନ ତାଙ୍କ ସ୍ମୃତିରକ୍ଷା ପାଇଁ ଏତେ କାହିଁକି ଖର୍ଚ୍ଚ ହେବ ?" ଲୋକେ ଏହା ଶୁଣି ଅବାକ୍ ହୋଇଗଲେ । ଆଜାଦଙ୍କ ଉଦାରପଣିଆ ଦେଖି ସମସ୍ତେ ଧନ୍ୟ ଧନ୍ୟ କହିଲେ ।

ଆଜାଦ ଜଣେ ଅସାଧାରଣ ଲୋକ । ସେ ଯେପରି ବିଖ୍ୟାତ ପଣ୍ଡିତ, ସେହିପରି ବଡ଼ ଧାର୍ମିକ । ତାଙ୍କ ପରି ନିର୍ଭୀକ ଲୋକ ଖୁବ୍ କମ୍ ଅଛନ୍ତି । କଥାରେ କହନ୍ତି—ସିଂହ ବଂଶରେ ସିଂହ ପିଲା ଜନ୍ମେ । ସେହିପରି ମୌଲାନା ଆବୁଲକାଲାମ ଯେଉଁ ବଂଶରେ ଜନ୍ମିଥିଲେ, ସେ ବଂଶର ପୂର୍ବ-ପୁରୁଷମାନେ ଖୁବ୍ ସାହସୀ ବୋଲି ଖ୍ୟାତି ଅର୍ଜିଥିଲେ ।

ମୌଲାନାଙ୍କ ଅଜାଙ୍କର ଅଜା ସେଖ୍ ଜମାଲୁଦ୍ଦିନ । ସେ ସମ୍ରାଟ ଆକ୍‌ବରଙ୍କ ଦରବାରରେ ଜଣେ ପ୍ରସିଦ୍ଧ ଲୋକ ହିସାବରେ ଖାତିର ପାଉଥିଲେ । ସେତେବେଳେ ସେ ରାଜବଂଶର ଧର୍ମଗୁରୁ ଥିଲେ । ସେ ସମୟରେ ତାଙ୍କ ପରି ପଣ୍ଡିତ ବ୍ୟକ୍ତି ଖୁବ୍ କମ ଥିଲେ । ଆକବର ତାଙ୍କୁ ବହୁତ ଧନ ସମ୍ପତ୍ତି ଦେବେ ବୋଲି ଲୋଭ ଦେଖାଇଲେ । ଆକବର ଭାବିଥିଲେ, ଜମାଲୁଦ୍ଦିନ ଧନ ଲୋଭରେ ତାଙ୍କ ବଶ୍ୟତା ସ୍ୱୀକାର କରିବେ; ସେ ଯାହା କହିବେ, ତା ମାନି ଚଳିବେ । ମାତ୍ର ଜମାଲୁଦ୍ଦିନ ଦରବାରରେ

Digitized by srujanika@gmail.com

ଠିଆ ହୋଇ ଦମ୍ଭର ସହିତ କହିଲେ—"ମୁଁ ଗରିବ ହୋଇ ଜନ୍ମ ହୋଇଛି, ଗରିବ ଭାବରେ ମରିବ । ମଝିରେ କେତେ ଦିନ ତୁମଠାରୁ ଧନ ସମ୍ପତ୍ତି ନେଇ ନିଜକୁ କଳଙ୍କିତ କରିବ କାହିଁକି ! ତୁମେ ସମ୍ରାଟ, ଧନ ତୁମ ପାଖରେ ଥାଉ—ମୋର ତାହା ଦରକାର ନାହିଁ ।"

ଏଥିରେ ଆକବରଙ୍କୁ ବଡ଼ ଅପମାନ ହେଲା । ସେ ରାଜଦରବାରରୁ ଜମାଲୁଦ୍ଦିନଙ୍କୁ ତଡ଼ିଦେଲେ । ଜମାଲୁଦ୍ଦିନ ଟିକିଏ ମାତ୍ର ଦୁଃଖିତ ନ ହୋଇ ସେଠାରୁ ବାହାରି ଆସିଲେ । ଅନ୍ୟତ୍ର ଘର କରି ରହିଲେ ।

ଆଜାଦଙ୍କ ବଂଶର ଆଉ ଜଣେ ଲୋକ ସମ୍ରାଟ ଜାହାଙ୍ଗୀରଙ୍କୁ ଦରବାରରେ ସଲାମ ପକାଇଲେ ନାହିଁ । ସେ କହିଥିଲେ—ଯାହାର ଧନ ସମ୍ପତ୍ତି ବେଶି, ସେ ବଡ଼ଲୋକ ନୁହେଁ; ଯାହାର ବିଦ୍ୟା ବୁଦ୍ଧି ବେଶି ସେ ବଡ଼ ଲୋକ । ତେଣୁ ସମ୍ରାଟଙ୍କ ଅପେକ୍ଷା ମୋର ସମ୍ମାନ ବେଶୀ । ମୁଁ କାହିଁକି ତାଙ୍କ ନିକଟରେ ମୁଣ୍ଡ ନୁଆଁଇବ ?

ଏ କଥାରେ ଜାହାଙ୍ଗୀର ରାଗିଯାଇ ତାଙ୍କୁ ଜେଲଖାନାରେ ବନ୍ଦୀ କରି ରଖିଲେ । ସେ ବନ୍ଦୀ ହୋଇ ଦୁଃଖ କଷ୍ଟ ପାଇଲେ; କିନ୍ତୁ ସମ୍ରାଟଙ୍କ ପାଖରେ ମୁଣ୍ଡ ନୁଆଁଇଲେ ନାହିଁ ।

ମୌଲନା ଆଜାଦ ଉପଯୁକ୍ତ ବଂଶର ଯୋଗ୍ୟ ପୁଅ ଥିଲେ । ସେ ଭାରତକୁ ସ୍ୱାଧୀନ କରିବେ ବୋଲି ଜୀବନତମାମ ଲଢ଼େଇ କରିଥିଲେ । ଦୁଃଖ କଷ୍ଟ ଭୋଗିଲେ, ଜେଲ ଭିତରେ ଘଣା ପେଲିଲେ । ତଥାପି ଦବିଲେ ନାହିଁ । ସତ କଥା, ଖାଣ୍ଟି କଥା କହିବାକୁ ଯାଇ ସେ କେତେ ଅପମାନ ପାଇଛନ୍ତି, ଅନ୍ୟ ମୁସଲମାନମାନେ ତାଙ୍କୁ ଘୃଣା କରିଛନ୍ତି, କେତେ ସାଙ୍ଗସାଥୀ ସେ ହରାଇଛନ୍ତି—କିନ୍ତୁ ନିଜ କଥାରୁ କେବେ ହେଲେ ଟଳି ନାହାନ୍ତି ।

ତାଙ୍କ ଜୀବନ ସେ ଯେପରି ଦେଶପାଇଁ ସମର୍ପି ଦେଇଥିଲେ । ତାଙ୍କର ନିଜର ହୋଇ କିଛି ନ ଥିଲା । ଧନ ସମ୍ପତ୍ତି ନ ଥିଲା । ସ୍ତ୍ରୀ ମରିଥିଲେ । ପିଲା କୁଟୁମ୍ବ ମଧ୍ୟ କେହି ନାହାନ୍ତି ।

Digitized by srujanika@gmail.com

କିନ୍ତୁ ସାରା ଭାରତର ଲୋକେ ତାଙ୍କୁ ନିଜର ଲୋକ ବୋଲି ଖାତିର କରୁଥିଲେ । କି ହିନ୍ଦୁ, କି ମୁସଲମାନ, କି ଖ୍ରୀଷ୍ଟିୟାନ ସମସ୍ତେ ତାଙ୍କୁ ସମାନ ଭାବରେ ପୂଜା କରୁଥିଲେ ।

ଆଜାଦ ତାଙ୍କ ନାମ ନୁହେ । ଆଜାଦ ଅର୍ଥ ସ୍ୱାଧୀନ । ଯେତେବେଳେ ମୌଲନା ଆବୁଲକାଲାମ ଖବର କାଗଜରେ ପ୍ରବନ୍ଧ ଲେଖୁଥିଲେ, ସେତେବେଳେ 'ଆଜାଦ' ନାମ ଦେଇ ତାହା ପ୍ରକାଶ କରୁଥିଲେ । ସେହି ଦିନୁ ଆଜାଦ ତାଙ୍କ ନାମ ପଛରେ ଲାଗି ରହିଥିଲା । ସେ ସେହି ଆଜାଦ ନାମକୁ ସାର୍ଥକ କରିଥିଲେ, ନିଜେ ସ୍ୱାଧୀନ ହୋଇଥିଲେ, ଦେଶକୁ ସ୍ୱାଧୀନ କରିଥିଲେ ।

ଏହି ମହାନ୍ ପଣ୍ଡିତ, ଜ୍ଞାନୀ, ନିର୍ଭୀକ ନେତାଙ୍କର ୧୯୫୮ ମସିହାରେ ପରଲୋକ ହୋଇଗଲା । ସେତେବେଳେ ଚାରିଆଡ଼େ ଶୋକର ଛାୟା ଖେଳି ଯାଇଥିଲା ।

ଦେଶବାସୀ ଆଜଯାଏ ତାଙ୍କୁ ଝୁରି ହେଉଛନ୍ତି । ତାଙ୍କ ନାମ ମନେ ପଡ଼ିଗଲେ ନିଜର ପ୍ରଣାମ ଜଣାଉଛନ୍ତି, ହୃଦୟର ଭକ୍ତି ଅର୍ଘ୍ୟ ଅର୍ପଣ କରୁଛନ୍ତି ।

କଟକ ପ୍ରିଣ୍ଟିଂ ହାଉସ, ବାଲୁବଜାର, କଟକରେ ମୁଦ୍ରିତ ।

Digitized by srujanika@gmail.com

Digitized by srujanika@gmail.com